



# ଜାନୁଆରୀ ୧୪ରୁ ଖଣ୍ଡଗିରିରେ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ

- ପର୍ଯ୍ୟଟକଙ୍କୁ ଐତିହ୍ୟ ବିଷୟରେ ଅବଗତ କରିବେ ୨ ଟୁରିଷ୍ଟ ଗାଇଡ୍
- ଉଭୟ ଐତିହ୍ୟସ୍ଥଳରେ ନିର୍ମାଣ ହେବ ବ୍ୟାରିଗେଟ୍
- ଖୁବଶିଘ୍ର ପହାଡ଼ ଉପରେ ଶୌଚାଳୟ ଓ ପିଇବା ପାଣି ସୁବିଧା

ଭୁବନେଶ୍ୱର, ୧୬।୧୨(ସମିସ): ଦୀର୍ଘ ବର୍ଷ ଧରି ଆରମ୍ଭ ହୋଇପାରୁ ନ ଥିବା ବହୁ ପ୍ରତିକ୍ଷୀତ ଖଣ୍ଡଗିରି-ଉଦୟଗିରି ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ଆସନ୍ତା ଜାନୁଆରୀ ୧୬ ତାରିଖରେ ପୁଣି ଥରେ ଆରମ୍ଭ ହେବ। ଏଥିପାଇଁ ଅଟକି ରହିଥିବା ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେହିପରି ଖଣ୍ଡଗିରି ଓ ଧଉଳିଗିରି ପାହାଡ଼ ଉପରେ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ନିର୍ମାଣ ହେବ ଶୌଚାଳୟ ଓ ରହିବ ପିଇବା ପାଣିର ସୁବିଧା। ଏଥିପାଇଁ ଖୁବଶିଘ୍ର କାର୍ଯ୍ୟ ଆରମ୍ଭ ହେବାକୁ ମଧ୍ୟ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ମଙ୍ଗଳବାର ଖଣ୍ଡଗିରି ଓ ଉଦୟଗିରିର ପ୍ରସ୍ତାବିତ ଏକୀକୃତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ସମୀକ୍ଷା କରିବା ସହ ଶ୍ରୀମତୀ ପରିଡ଼ା ଏହି ଐତିହ୍ୟସ୍ଥଳରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଏଏସଆଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଉଭୟ ଖଣ୍ଡଗିରି ଓ ଉଦୟଗିରରେ ଐତିହ୍ୟର ସଂରକ୍ଷଣ ନିମନ୍ତେ ଚାରିପାଖରେ ବ୍ୟାରିକେଡ୍ ନିର୍ମାଣ କରାଯିବ। ଏହାଦ୍ୱାରା ପପର୍ଯ୍ୟଟକମାନେ ଏହାକୁ



ବାରମ୍ବାର ନଛୁଇଁ ଦୂରରୁ ଦେଖିପାରିବେ। ସେହିପରି ପାହାଡ଼ର ପାଦଦେଶରେ ରହିଥିବା ଦୋକାନ ଘର ଗୁଡ଼ିକର ମୋଡିଫିକେସନ୍ କରାଯିବା ସହ ଏଠାରେ କୌଣସି ପାର୍କିଂ କରାନକରି ଖଣ୍ଡଗିରି ଉଦୟଗିରିକୁ ଆସୁଥିବା ପର୍ଯ୍ୟଟକମାନେ ନିକଟରେ ରହିଥିବା ଓଏସଆରଟିସିର ପାର୍କିଂ ସ୍ଥଳରେ ଗାଡ଼ି ପାର୍କ କରିବେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖଣ୍ଡଗିରି ଗୁମ୍ଫା କୁ ପ୍ରବେଶ କରିବା ଦ୍ୱାରରେ ରହିଥିବା ଗେଟ୍ ଭଙ୍ଗାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ପୂର୍ବରୁ ଏଠାରେ ରହିଥିବା ଗେଟ୍‌ରେ ପାର୍ଶ୍ୱନାଥ ଜୈନ୍ୟ ମନ୍ଦିର ଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ନିଶୁଳ୍କ ଭାବେ ପ୍ରବଶେ କରାଯାଉଥିବା ବେଳେ ସାଧାରଣ ଲୋକଙ୍କୁ ୨୫ ଟଙ୍କା ଲେଖାଏଁ ଟିକଟ ଦେବାକୁ ପଡୁଥିଲା। ବର୍ତ୍ତମାନ ସମୟରୁ ସମମସ୍ତ ନିଃଶୁଳ୍କ ଭାବେ ପ୍ରବେଶ କରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏହି ସମୀକ୍ଷାରେ ବିଧାୟକ ବାବୁ ସିଂହ, ପର୍ଯ୍ୟଟନ ବିଭାଗର ସଚିବ ବଳବନ୍ତ ସିଂହ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କର୍ପୋରେଟର ରାମଚନ୍ଦ୍ର ରଣସିଂହ, ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି ଙ୍କ ସମେତ ଏଏସଆଇ ର ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ପ୍ରାୟ ୫୨ କୋଟି ଟଙ୍କା ଅନୁମୋଦନ ହୋଇଥିବା ବେଳେ ଖୁବଶିଘ୍ର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବ। ଏହାଦ୍ୱାରା ପର୍ଯ୍ୟଟକଙ୍କ ଅନୁଭୂତିକୁ ବହୁଗୁଣିତ ହେବା ସହ ସହରର ସୌନ୍ଦର୍ଯ୍ୟକୁ ଉନ୍ନତ କରିବ ଏବଂ ଦେଶର ଏକ ପ୍ରମୁଖ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ନୂଆ ପରିଚୟ ପାଇବ।

# ସର୍ଟସର୍କିଟରୁ ଜଳିଗଲା ଘର; ଅଳ୍ପକେ ବର୍ତ୍ତିଲେ ପରିବାର



ଭୁବନେଶ୍ୱର, ୧୬।୧୨ (ସମିସ): ଖଣ୍ଡଗିରି କୁଡିଓ ସୋରୁମ ପଛପଟେ ଥିବା ଏକ ଘରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ଜଳି ଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡଗିରି ଛକ ନିକଟସ୍ଥ କୁଡିଓ ସୋରୁମ ପଛପଟେ ଥିବା ଏକ ଘରେ ସୁକାନ୍ତ କିଶୋର ବେହେରା ପରିବାର ସହ ଭଡ଼ାରେ ରୁହନ୍ତି। ମଙ୍ଗଳବାର ଅପରାହ୍ଣରେ କୌଣସି କାରଣରୁ ହଠାତ୍ ଘରେ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡ ଫଳରେ ଘର ଧୂଆଁମୟ ହୋଇଯାଇଥିଲା। କ୍ଷଣିକ ମଧ୍ୟରେ ଘରସାରା ନିଆଁ ବ୍ୟାପିଯାଇଥିଲା। ପରିବାର ଲୋକେ ଜୀବନ ବଞ୍ଚାଇବାକୁ ବାହାରକୁ ଚାଲି ଆସିଥିଲେ। ନିଆଁ ଲାଗିବା ଦ୍ୱାରା ଘରେ ଥିବା ଟିଭି, ଫ୍ରିଜ, ଫ୍ୟାନ, ଖଟ ଓ ଅନ୍ୟାନ୍ୟ ଆସବାବପତ୍ର ଜଳି ପୋଡ଼ି ନଷ୍ଟ ହୋଇଯାଇଥିଲା। ଖବରପାଇ ବିଦ୍ୟୁତ ବିଭାଗ କର୍ମଚାରୀମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିବା ବେଳେ ତମାଣ୍ଡୋ ଅଗ୍ନିଶମ ବାହାନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ପ୍ରାୟ ଅଧଘଣ୍ଟା ପରେ ନିଆଁ ସମ୍ପୂର୍ଣ୍ଣ ଆୟତ୍ତକୁ ଆସିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିଥିବା ବେଳେ ସର୍ଟ ସର୍କିଟରୁ ଏପରି ଘଟିଥିବା ଅନୁମାନ କରାଯାଉଛି।

• କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ବିଜେପିର ପ୍ରତିନିଧି

# ଉଷୁନା ଚାଉଳ ଉଠାଣ ପରିମାଣ ୨୫ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ଦାବି

ଭୁବନେଶ୍ୱର,୧୬।୧୨(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦ, ବିଧାୟକ ତଥା ବିଜେପିର ଏକ ପ୍ରତିନିଧିଦଳ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଛନ୍ତି। ଓଡ଼ିଶାର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରେ ରଖି ଉଷୁନା ଚାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ ଟନ୍‌ରୁ ୨୫ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି। ଏ ସମ୍ପର୍କିତ ଏକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

- **ପୂର୍ବରୁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ଟନରୁ ୫୮ ଲକ୍ଷ ଟନ ବୃଦ୍ଧି କରିଥିବାରୁ ଧନ୍ୟବାଦ**

୨୦୨୪-୨୫ ବର୍ଷ ପାଇଁ ଖରିଫ୍ ଓ ରବି ଋତୁ ପାଇଁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ମେଟ୍ରିକ ଟନରୁ ୫୮ ଲକ୍ଷ ମେଟ୍ରିକ ଟନ ବୃଦ୍ଧି କରାଯାଇଛି। ଏହା ଧାନ ସଂଗ୍ରହ ପରିମାଣ ବୃଦ୍ଧି ରାଜ୍ୟର ଚାଷୀ ସମାଜର ଆତ୍ମବିଶ୍ୱାସକୁ ବଢ଼ାଇବା ସହ ସୁରୁଖୁରୁରେ ସଂଗ୍ରହ କାର୍ଯ୍ୟକୁ ସୁନିଶ୍ଚିତ କରିଛି। ଓଡ଼ିଶାରେ ବିଶେଷ ଭାବରେ ଉଷୁନା ଚାଉଳ ଅଧିକ ଉତ୍ପାଦନ ହେଉଥିବା ବେଳେ ୨୦୨୫-୨୬ ଖରିଫ ଋତୁ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଉଷୁନା ଚାଉଳର ତୁରନ୍ତ ଉଠାଣ ନିତାନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ପୁଲ ଅଧୀନରେ ଉଭୟ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଉଷୁନା ଚାଉଳ ଉଠାଣ ପରିମାଣକୁ ବର୍ତ୍ତମାନର ୨୦ ଲକ୍ଷ ମେଟ୍ରିକ୍ ଟନକୁ ବଢାଇ ୨୫ ଲକ୍ଷ ମେଟ୍ରିକ୍ ଟନ କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ବଳକା ଥିବା ଏହି ଉଷୁନା ଚାଉଳର ଶୀଘ୍ର ଉଠାଣ ହେଲେ ଓଡ଼ିଶାର ଚାଷୀମାନେ ବିଶେଷ ଭାବରେ ଲାଭବାନ ହେବେ ଏବଂ ଜାତୀୟ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଆହୁରି ମଜଭୁତ ହେବ।

# ହର୍ବାଲ ମେଳାରୁ ବୋହି ନେଉଛନ୍ତି ଭୂଇଁ କଖାରୁ

## ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇବାକୁ ଷ୍ଟଲ୍‌ରେ ଭିଡ଼

ଭୁବନେଶ୍ୱର, ୧୬।୧୨(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା କଳିଙ୍ଗ ହର୍ବାଲ ମେଳାରେ ଜମୁଛି ଭିଡ଼। ଆୟୁର୍ବେଦ, ଚେରମୂଳି ଓ ଔଷଧିୟ ବୃକ୍ଷ କିଣିବା ସହ ସହରକୁ ଆସିଥିବା ବୈଦ୍ୟମାନଙ୍କଠାରୁ ସେମାନଙ୍କ ରୋଗ ସମ୍ପର୍କରେ ଜାଣିବାକୁ ସହରବାସୀଙ୍କ ଭିଡ଼ ଜମୁଛି। ବିଜ୍ଞାନ ଯୁଗରେ ବି କମିନି ଆୟୁର୍ବେଦ ଓ ଚେରମୂଳିର ଚିକିତ୍ସାର ବିଶ୍ୱାସ। ଜର, କାଶ, ଥଣ୍ଡାଠାରୁ ଆରମ୍ଭ କରି ଦୁରାରୋଗ୍ୟର ନିରାକରଣ ପାଇଁ ରାଜଧାନୀବାସୀ ଏବେ ଆୟୁର୍ବେଦକୁ ଆପଣାଉଥିବା ଦେଖିବାକୁ ମିଳିଛି କଳିଙ୍ଗ ହର୍ବାଲ ମେଳାରେ। ତେବେ ଏଥର ମେଳାରେ ଭୂଇଁ କଖାରରୁ ବେଶ୍ ଚାହିଦା ରହିଥିବା ଦେଖିବାକୁ ମିଳିଛି। କାରଣ ରୋଗପ୍ରତିଷେଧକ ଶକ୍ତି ବଢ଼ାଇବାରେ ଏହି ଭୂଇଁ କଖାରୁର ବେଶ୍ ଗୁରୁତ୍ୱ ରହିଛି। ଯାହାକି କିଣିବାକୁ ବଲାଙ୍ଗିର ଏକ ଷ୍ଟଲରେ ଲରେ ପ୍ରବଳ ଭିଡ଼ ଜମିଥିଲା।



ବ୍ୟସ୍ତବହୁଳ ଜୀବନରେ ସହରାଞ୍ଚଳରେ ସମସ୍ତେ ପ୍ରାୟ ରୋଗାକ୍ରାନ୍ତ ହୋଇପଡୁଛନ୍ତି। ବିଶେଷ କରି ମହାମାରୀ କୋଭି ପରେପରେ ଅଧିକାଂଶ ଲୋକଙ୍କ ରୋଗପ୍ରତିଷେଧକ ଶକ୍ତି କମିଯାଇଥିବା କୁହାଯାଇଛି। ଫଳରେ ବାରମ୍ବାରେ ଜ୍ୱର ସହ ବିଭିନ୍ନ ରୋଗର ଶିକାର ହେଉଛନ୍ତି ପିଲାଙ୍କ ଠାରୁ ବୟସ୍କ ବ୍ୟକ୍ତି। ତେଣୁ ବିଶେଷ ଚାହିଦାରେ ରହିଛି ଭୂଇଁ କଖାରୁ। ମଲ୍ଟି ଭିଟାମିନ୍‌ରେ ଭରପୁର ଏହି ଭୂଇଁ କଖାରୁ କିଣିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ଏହାକୁ କଞ୍ଚା ଗୁଣ୍ଡ କରି କ୍ଷୀର ସାଙ୍ଗରେ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ। ଜଙ୍ଗଲରୁ ଏହାକୁ ସଂଗ୍ରହ କରାଯାଇ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଯୋଗାଯାଉଛି। ଏହା ରକ୍ତ ଶୋଧକ, ସ୍ତନବର୍ଦ୍ଧକ, ମୂତ୍ରରୋଧ, ପିତ୍ତଦୋଷ ଆଦିର ଚିକିତ୍ସା ପାଇଁ ବ୍ୟବହାର କରାଯାଉଛି। ଏହି ଔଷଧିୟ କଖାରୁକୁ ଖାଇବା ପାଇଁ ଓ ଘରେ ଲଗାଇବା ପାଇଁ ଲୋକେ କିଣି ନେଉଛନ୍ତି। ତେବେ ଗନ୍ଧମାର୍ଦ୍ଦନ ପାହାଡ଼ରୁ ସଂଗୃହୀତ ଏହି କଖାରୁ କିଲୋ ୫୦୦ଟଙ୍କା ରହିଛି। ଯାହାକି ଲୋକମାନେ ବୋହି ନେଉଥିବା ଦେଖିବାକୁ ମିଳିଛି। ଏହାସହ ବାତ, ମଳକଣ୍ଟକ, ମୁଣ୍ଡବ୍ୟଥା, ଅର୍ଦ୍ଧ କପାଳି, ଚର୍ମରୋଗ, କାନ ବିନ୍ଧା ଆଦି ପାଇଁ ମଧ୍ୟ ଷ୍ଟଲରେ ବିଭିନ୍ନ ବନୌଷଧି ରହିଛି।

# ଯୁବକଙ୍କୁ ଅପହରଣ କରି ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୧୬।୧୨ (ସମିସ): ଯୁବକଙ୍କୁ ଅପହରଣ କରି ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବୁଦ୍ଧ ନଗର ରେଲ୍ଲୀ ବସ୍ତିର ପ୍ରତୀକ ମେହେଟ୍ଟା (୨୪)।

ପୁଲିସ ସୂଚନା ଅନୁସାରେ, ମୋଚି ସାହି ବସ୍ତିର ଗୀତା ଦାସଙ୍କ ଭଣଜା ସହ ପ୍ରତୀକର ପୂର୍ବଶତ୍ରୁତା ଲାଗି ରହିଥିଲା। ଗତ କାଲି ରାତି ପ୍ରାୟ ୧୧ ଟା ସମୟରେ ଗୀତାଙ୍କ ଭଣଜା ଘର ସାମ୍ନାରେ ବସିଥିବା ବେଳେ ପ୍ରତୀକ ଓ ୫ ଜଣ ସହଯୋଗୀ ଦୁଇଟି ମୋଟରସାଇକେଲରେ ଆସି ତାଙ୍କୁ ଖଣ୍ଡା ଦେଖାଇ ଅପହରଣ କରି ନେଇଥିଲେ। ଫାଳିକିଆ ବସ୍ତିକୁ ନେଇ ସେଠାରେ ଖଣ୍ଡାର ପଛପଟେ ତାଙ୍କୁ ଆକ୍ରମଣ କରିଥିଲେ। ଗୀତା ଏନେଇ ଅଭିଯୋଗ କରିବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ ରେଲ୍ଲୀ ବସ୍ତିରୁ ପ୍ରତୀକକୁ ଗିରଫ କରିବା ସହ ଖଣ୍ଡା ଜବତ କରିଥିଲା। ଗତମାସ ୯ ତାରିଖ ସନ୍ଧ୍ୟାରେ ପ୍ରତୀକ ଓ ତାର ସହଯୋଗୀ ମିଶି ଅଜୁ ବର୍ଦ୍ଧନକୁ ସ ଖଣ୍ଡାରେ ହାଣି ଥିଲେ। ଏହାକୁ ନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ମାମଲା ମଧ୍ୟ ରୁଜୁ କରିଥିଲା। ପୂର୍ବରୁ ପ୍ରତୀକ ନାମରେ ଲକ୍ଷ୍ମୀସାଗର ଥାନାରେ ୮ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ପୁଲିସ ଡ୍ରାଇଭରଙ୍କ ମହାନତା

ଭୁବନେଶ୍ୱର, ୧୬।୧୨ (ସମିସ): ପୁଲିସ କମିସନରଙ୍କ କାର୍ଯ୍ୟାଳୟର ଡ୍ରାଇଭର ମଧୁସୂଦନ ରାଉଳଙ୍କ ମହାନତା ଦେଖିବାକୁ ମିଳିଛି। ରାସ୍ତାରୁ ପାଇଥିବା ଟଙ୍କା ମୁଣି ଫେରାଇ ନିଜ ସଚ୍ଚୋଟତାର ପ୍ରମାଣ ଦେବା ସହ ଅନ୍ୟମାନଙ୍କ ପାଇଁ



ଉଦାହରଣ ସୃଷ୍ଟି କରିଛନ୍ତି। ପୁରା ଘଟଣା ଥିଲା ଏମିତି, ସିପି ଅଫିସରେ ଡ୍ରାଇଭର ଭାବେ କାର୍ଯ୍ୟରତ ମଧୁସୂଦନ ସୋମବାର ରାତି ପ୍ରାୟ ସାଢେ ୯ଟା ସମୟରେ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ସେ ଜୟଦେବ ବିହାର ଛକ ନିକଟରେ ପାଇଥିବାବେଳେ ଆଗରେ ଯାଉଥିବା ଜଣେ ବାଇକ୍ ଚାଳକଙ୍କ ପକେଟରୁ ଟଙ୍କା ମୁଣି ପଡ଼ି ଯାଇଥିଲା। ମଧୁସୂଦନ ଉକ୍ତ ଟଙ୍କା ମୁଣିକୁ ଉଠାଇବା ସହ ବାଇକ୍ ଚାଳକଙ୍କୁ ପିଛା କରିବାକୁ ଉଦ୍ୟମ କରିଥିଲେ। ହେଲେ ଟ୍ରାଫିକ ଭିଡ଼ ଯୋଗୁଁ ତାଙ୍କ ପାଖରେ ପହଞ୍ଚି ପାରି ନ ଥିଲେ। ଘଟଣା ସମ୍ପର୍କରେ ମଧୁସୂଦନ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ପରେ ସ୍ମାର୍ଟ ସିଟି କଣ୍ଟ୍ରୋଲ ରୁମ୍ ପକ୍ଷରୁ ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇଥିଲା। ଗାଡ଼ି ନମ୍ବରରୁ ଚାଳକ ଜଣକ ୱାଟକୋ ଆସିଷ୍ଟାଣ୍ଟ ମ୍ୟାନେଜର ବିଶ୍ୱଭୂଷଣ ବେହେରା ବୋଲି ଚିହ୍ନଟ କରାଯାଇଥିଲା। ମଙ୍ଗଳବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂଙ୍କ ଉପସ୍ଥିତରେ ଟଙ୍କା ମୁଣିରେ ଥିବା ମୋଟ ୧୪ ହଜାର ଟଙ୍କାକୁ ବିଶ୍ୱଭୂଷଣଙ୍କୁ ହସ୍ତାନ୍ତର କରାଯାଇଛି। ମଧୁସୂଦନ ଲୋଭର ବଶବର୍ତ୍ତୀ ନହୋଇ ରାସ୍ତାରୁ ପାଇଥିବା ଟଙ୍କାକୁ ଫେରାଇ ଥିବାରୁ ପୁଲିସ କମିସନର ଡଃ ସିଂ ଓ ବିଶ୍ୱଭୂଷଣ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମଣିପାଲ୍ ହସ୍ପିଟାଲ୍‌ରେ ଓଡ଼ିଶାର ପ୍ରଥମ ପେରିଫେରାଲ୍ ଆଇଭିଏଲ ଚିକିତ୍ସା

ଭୁବନେଶ୍ୱର, ୧୬।୧୨ (ସମିସ): ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ମଣିପାଲ ହସ୍ପିଟାଲ। ଓଡ଼ିଶାରେ ପ୍ରଥମ ଥର ପାଇଁ ପେରିଫେରାଲ୍ ଆଇଭିଏଲ ପଦ୍ଧତିରେ



ଟ୍ରାନ୍ସକ୍ୟାଥେଟର୍ ଏଓର୍ଟିକ୍ ଭାଲଭ ଇମ୍ପ୍ଲାଣ୍ଟେସନ ବା ଟାଭି ମାଧ୍ୟରେ ଚିକିତ୍ସା କରି ଜଣେ ବୃଦ୍ଧାକୁ ନୂଆ ଜୀବନ ମିଳିଛି। ଏହି ଜଟିଳ ପ୍ରକ୍ରିୟାକୁ ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦିବ୍ୟ ରଞ୍ଜନ ବେହେରା ଓ ତାଙ୍କ ଟିମ୍ ସଫଳତାର ସହିତ କରିଛନ୍ତି।

# ଭଗବାନପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବଡ଼ରଘୁନାଥପୁର, ୧୬।୧୨(ସମିସ): ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟସ ଆଣ୍ଡ କଲଚରାଲ ଆସୋସିଏସନ୍ ଟ୍ରଷ୍ଟ ଆନୁକୂଲ୍ୟରେ ୨୦ ତମ ଜିଲ୍ଲା ସ୍ତରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ -୨୦୨୫ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀ, କ୍ରୀଡ଼ାପ୍ରେମୀ ରବୀନ୍ଦ୍ର ନାଥ ସାହୁ, ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଭିମନ୍ୟୁ ଚମ୍ପତି ଯୋଗ ଦେଇଥିଲେ। ୧୦ ଦିନ ବ୍ୟାପି ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ପ୍ରମୁଖ ଦଳ ଅଂଶ ଗ୍ରହଣ କରିବା ସହିତ ଆସନ୍ତା ୨୫ ତାରିଖ ଦିନ ଉଦଯାପନ କରାଯିବ। ଉଦଘାଟନୀ ମ୍ୟାଚ ଗୁଡୁମ୍ ଓ ଗଙ୍ଗପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଗଙ୍ଗପଡ଼ା ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ୍ ହରାଇ ୧୬୮ ରନ୍ କରିଥିଲେ, ଦଳ ପକ୍ଷରୁ ଦିଲୀପ ୫୮ ରନ୍ କରିଥିବା ସ୍ଥଳେ ଗୁଡୁମ୍ ଦଳର ରାଜେଶ ୨ଟି ୱିକେଟ ନେଇଥିଲେ। ବିଜୟ ପାଇଁ ୧୬୯ ରନ୍‌ର ପିଛା କରି ପ୍ରତିପକ୍ଷ ଗୁଡୁମ୍‌ଦଳ ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୦୮ ରନ୍ କରି ଏହି ମ୍ୟାଚ୍ କୁ ୬୨ ରନ୍‌ରେ ହାରିଯାଇଥିଲେ। ଏହି ମ୍ୟାଚ୍‌ରେ ଗଙ୍ଗପଡ଼ା ଦଳର ରଶ୍ମି ରଞ୍ଜନ ଜେନାଙ୍କୁ ମ୍ୟାନ 'ଅଫ ଦି ମ୍ୟାଚ୍' ଘୋଷିତ କରାଯାଇଥିଲା। ଏହି ମ୍ୟାଚରେ ସମ୍ବିତ ରଞ୍ଜନ ଦାସ ଓ ପରଭେଜ୍ ଖାଁନ ଅମ୍ପାୟାରିଂ କରିଥିଲେ। ଦ୍ୱିତୀୟାର୍ଦ୍ଧର ମ୍ୟାଚ୍ ପାନ ବରଜ ଓ କାଇପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଟସ୍ ଜିତି କଇପଦର୍ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ହରାଇ ୧୫୨ କରିଥିଲା ଦଳ ପକ୍ଷରୁ ରଜତ ସାମନ୍ତରାୟ ୫୭ ରନ୍ କରିଥିଲେ। ଏମଡି ହସିମ୍ ୨୪ରନ୍ ବିନିମୟରେ ୨ଟି ୱିକେଟ୍ ନେଇଥିଲେ। ବିଜୟ ୧୫୩ ରନ୍‌ର ପିଛା କରି ପାନ ବରଜ ଦଳ ୭ ୱିକେଟ ହରାଇ ୧୩୩ ରନ୍ କରି ଥିଲେ। ଦଳ ପକ୍ଷରୁ ବିକି ପଲ୍ଲା ସର୍ବାଧିକ ୩୧ ରନ୍ କରିଥିଲେ। ବିଜୟୀ ଦଳର ରଜତ ସାମନ୍ତରାୟ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ କରାଯାଇ ଥିଲା। ବିରେନ୍ କୁମାର ବେହେରା ଓ ବୀରେନ୍ଦ୍ର ନାଥ ସାହୁ ମ୍ୟାଚ୍ ଅମ୍ପାୟାରିଂ କରିଥିଲେ।

# ବିଧାୟକଙ୍କ ଅହେତୁକ ଦରମା ବୃଦ୍ଧିକୁ ବିରୋଧ

ଭୁବନେଶ୍ୱର, ୧୬।୧୨(ସମିସ): ବିଧାୟକଙ୍କ ମନୋମୁଖୀ ଦରମା ବୃଦ୍ଧି ନିଷ୍ପତି ବିରୁଦ୍ଧରେ ୯୫ ପ୍ରତିଶତରୁ ଅଧିକ ଲୋକ ସୋସିଆଲ ମିଡିଆରେ ପ୍ରବଳ ବିରୋଧ କରିଛନ୍ତି। ଏହି ଚରମ ଭୁଲ ନିଷ୍ପତ୍ତିକୁ ସଂଶୋଧନ କରିବାକୁ ଆମ ଜନତା ଅଧିକାର ଦାବି କରିଛି। ଦରମା ବୃଦ୍ଧି ପ୍ରତ୍ୟାହାର କରନ୍ତୁ। ଆବଶ୍ୟକ ହେଲେ ଭବିଷ୍ୟତରେ ବେତନ କମିଶନ ମାନଦଣ୍ଡ ଓ ମୁଦ୍ରାସ୍ଫୀତି ହାରରେ ବିଧାୟକଙ୍କ ଦରମା ସ୍ଥିରୀକୃତ କରିବାକୁ ଆମ ଜନତା ଅଧିକାର ଦାବି କରିଛି। ଯେହେତୁ ଏହି ପ୍ରସ୍ତାବ ରାଜ୍ୟପାଳଙ୍କ ସମ୍ମତି ପାଇଁ ରହିଛି, ତାଛଡା ଜନ ଆକ୍ରୋଶ ଆହୁରି ବୃଦ୍ଧି ପାଇବା ପୂର୍ବରୁ ରାଜ୍ୟପାଳଙ୍କ ନିକଟରୁ ଫେରାଇ ଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି ବୋଲି ଉପଦେଷ୍ଟା ଇଂ ମୋହନ ପଟ୍ଟନାୟକ, ଆବାହକ ମନୋଜ ଜେନା, ଯୁଗ୍ମ ଆବାହକ ବାସୁଦେବ ଭଟ୍ଟ, ସଂଯୋଜକ ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ସମୀକ୍ଷା ବୈଠକ

ବାଲିପାଟଣା, ୧୬।୧୨ (ସମିସ): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ତୃତୀୟ ସମୀକ୍ଷା ବୈଠକ ଆଜି ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ୍ ପ୍ରଭାତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ନିପୁଣ ଓଡ଼ିଶା ମିଶନର ଅଧିକାରୀ ଭାଗ୍ୟଶ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ଶିକ୍ଷାନୀତି କାର୍ଯ୍ୟକାରୀ କରିବାବେଳେ ଯୋଜନା କାର୍ଯ୍ୟକାରୀ କରିବାରେ କେତେ ଉନ୍ନତି ହୋଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସି ଆରସିସି ମାମିତା ଦଳାଇ ସ୍ୱାଗତ ଭାଷଣ ଦେଇଥିଲେ। ଏବିଡିଓ ଯଶୋଦା ସାହୁ, ବିଜୟ ବେହେରା, ପ୍ରଧାନ ଶିକ୍ଷୟତ୍ରୀ ସୁଷମା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି ଝୁନୀ ଦେଇ, ପ୍ରତାପ ସେଠୀ, ଅଲିଭା ଦାସ, ଦୀପ୍ତିରେଖା ଓଝା, ସୁଷମା ଦାସ, ତୋଫାନ ଭଞ୍ଜ, ହେଦାତୁଲା ଖାଁ, ପ୍ରଭାତ ସାହୁ, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ସିଆରସିସି ବୃନ୍ଦ ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରିଥିଲେ।

# ୧୮ ରେ ସୋଆରେ 'ଓଡ଼ିଶା ଏଆଇ ସମ୍ମିଳନୀ'

ଭୁବନେଶ୍ୱର, ୧୬।୧୨(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ଡିସେମ୍ବର ୧୮ ତାରିଖରେ ଓଡ଼ିଶା ଏଆଇ ସିମ୍‌ପୋସିୟମ୍ ଆୟୋଜିତ ହେବାକୁ ଯାଉଛି। ସୋଆ, ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ (ଓସା) ଏବଂ ଆଇଆଇଟି ଭୁବନେଶ୍ୱରର ଏଆଇ ଆଣ୍ଡ ଏଚପିସି ରିସର୍ଚ୍ଚ ସେଣ୍ଟରର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀର ଆୟୋଜିତ ହେବ ବୋଲି ମଙ୍ଗଳବାର ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏହି ସମ୍ମିଳନୀରେ 'ବିୟଣ୍ଡ ଦ ପ୍ରମ୍ପଟ: ଡିକୋଡିଙ୍ଗ ଗୁଗୁଲ୍ସ ଏଜେଣ୍ଟିକ୍ ଏଆଇ' ଆଲୋଚନାକ୍ରରେ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଏଆଇକୁ କିଭଳି ବିନିଯୋଗ କରାଯାଇପାରିବ, ସ୍ୱାସ୍ଥ୍ୟ ସେବା, କୃଷି ଓ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଏଆଇର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ୟୁଏସ୍‌ଏର ଅରିଜୋନା ଷ୍ଟେଟ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍‌ସ ବିଭାଗର ପ୍ରଫେସର ଚିତ୍ତ ବରାଳ, ଆଇଆଇଟି ଭୁବନେଶ୍ୱରର ଏଆଇ ଆଣ୍ଡ ଏଚପିସି ରିସର୍ଚ୍ଚ ସେଣ୍ଟରର କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ କୁମାର ନନ୍ଦ, ୟୁଏସଏ ଟଫ୍ଟସ ଇନଷ୍ଟିଚ୍ୟୁଟ୍ ଫର ଏଆଇର ମ୍ୟାଥେମେଟିକ୍ସ ଏବଂ କମ୍ପ୍ୟୁଟର ସାଇନ୍‌ସ ବିଭାଗର ପ୍ରଫେସର ତଥା ଡାଟା ସାଇନ୍‌ସର କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅବନୀ ପାତ୍ର, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଏସ୍. ସାମନ୍ତରାୟ ଏବଂ ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଉପସ୍ଥିତ ଥିଲେ।

# ୧୫ ବର୍ଷ ଧରି ବୁଲା ପଶୁପକ୍ଷୀଙ୍କ ସେବାରେ ସଚ୍ଚିଦାନନ୍ଦ

ଭୁବନେଶ୍ୱର, ୧୬।୧୨(ସମିସ): ରାଜଧାନୀର ଗଳିରେ ବୁଲା ଗାଇ, ଷଣ୍ଢ, କୁକୁର ଓ ବିଲେଇ ଆଦି ବୁଲା ପ୍ରାଣୀଙ୍କ ସହ ସଚ୍ଚିଦାନନ୍ଦ ନାୟକଙ୍କ ସମ୍ପର୍କ ଭିନ୍ନ। ଦୀର୍ଘ ୧୫ ବର୍ଷ ହେଲା ବୁଲା ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇ ଆସୁଛନ୍ତି ସଚ୍ଚିଦାନନ୍ଦ। ସଚ୍ଚିଦାନନ୍ଦଙ୍କ ବୟସ ୬୭ ଛୁଇଁଲାଣି। ସେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ।

ସଚ୍ଚିଦାନନ୍ଦଙ୍କ ପ୍ରକୃତ ଘର ବାଳକାଟି ଅଞ୍ଚଳରେ ହେଲେ ସେ, ନୂଆପଲ୍ଲୀ ପୋଷ୍ଟ ଅଫିସ ନିକଟରେ ରହୁଛନ୍ତି। ପଶୁପକ୍ଷୀଙ୍କ ପ୍ରତି ତାଙ୍କ ଭଲପାଇବା ଏତେ ନିବିଡ ଯେ ବୟସର ଛାପ ମଧ୍ୟ ତାଙ୍କ ମନବଳ ଭାଙ୍ଗିପାରିନି। ଦୀର୍ଘ ବର୍ଷ ଧରି ସେ ବୁଲା ଗାଇଗୋରୁଙ୍କ ସମେତ କୁକୁର, ବିଲେଇ, ପାରା ଏବଂ କାଉକୁ ଖାଦ୍ୟ ସହ ନିୟମିତ ପାଣି ଦେଉଛନ୍ତି। ବର୍ତ୍ତମାନ ସମୟରେ ସେ ନୂଆସାହି, କଲ୍ୟାଣୀ ମାର୍କେଟ, ଡିଏଭି ସ୍କୁଲ, ଓୟୁଏଟି ଛକ, ଶିରିପୁର, ଗୋପବନ୍ଧୁ ଛକ ଆଦି ଅଞ୍ଚଳରେ ସେମାନଙ୍କୁ ଖାଇବା ଦେଉଛନ୍ତି। ସକାଳ ୧୦ଟାରୁ ଘରୁ



ବାହାରନ୍ତି ଏବଂ ଦିନ ୨.୩୦ ଯାଏଁ ବୁଲି ବୁଲି ଦେଉଥାନ୍ତି, ସେହିଭଳି ସନ୍ଧ୍ୟା ୬ରୁ ରାତି ୧୧ ପର୍ଯ୍ୟନ୍ତ ସେହି କାର୍ଯ୍ୟରେ ଲାଗିଥାନ୍ତି। ବିସ୍କୁଟ, କ୍ଷୀର, ପରବା ଏବଂ ଫଳ ଏହି ଖାଦ୍ୟରେ ଦେଉଛନ୍ତି। ପୂର୍ବରୁ ସେ କୁକୁରଙ୍କୁ ଚିକେନ ମଧ୍ୟ ଦେଉଥିଲେ। ଚାକିରିରୁ ଅବସରନେବା ପରେ ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ତେଣୁ ସେ ଦୀର୍ଘ ବର୍ଷଧରି ନିଜକୁ ଏହି କାର୍ଯ୍ୟରେ ସମର୍ପିତ କରିଛନ୍ତି। ଅବସର ପରେ ମଧ୍ୟ ସେ କାହାଠୁ କେବେ ଏହି କାର୍ଯ୍ୟ ପାଇଁ ପଇସା ନେଇନାହାନ୍ତି ବରଂ ନିଜ ପେନସନ ପଇସାରୁ ସେଥିରେ ଲଗାଉଛନ୍ତି। ଅନେକ ସମୟରେ କାହିଁକି ସେ ଏହି ବୁଲା କୁକୁର, ବିଲେଇଙ୍କୁ ଖାଇବାକୁ ଦେଉଛନ୍ତି ଏବଂ ତାଙ୍କ ପାଇଁ ସେମାନେ ଅଞ୍ଚଳ ଛାଡି ଯାଉନାହାନ୍ତି ବୋଲି ଅନେକ ଗାଳିଗୁଲଜ ମଧ୍ୟ ଶୁଣିବାକୁ ମିଳେ। ପରିବାର ଲୋକଙ୍କର ଏହି କାର୍ଯ୍ୟରେ ସେତେଟା ସହଯୋଗ ମଧ୍ୟ ନାହିଁ। ତଥାପି ସେମାନଙ୍କ ପାଇଁ ଖାଇବାର ବ୍ୟବସ୍ଥା ଜାରି ରଖିଥିବେ ବୋଲି କହିଥିଲେ।



